# ଶ୍ରୀମନ୍ଦିରର ଶ୍ରୀରାଧା

ଈଶ୍ୱର ଚନ୍ଦ୍ର ମହାପାତ୍ର

ଗୀତଗୋବିନ୍ଦର କାବ୍ୟ ବିନୋଦ ନାମଟି ଯେତେବେଳେ ସ୍ମରଣକୁ ଆସେ ଶିହରିତ ହୋଇଯାଏ ପାଠକର ତନ ଓ ମନ । ବୈଷ୍ଣବ ଜନର ପ୍ରାଣତନ୍ତ୍ରୀରେ ଖେଳିଯାଏ ଶ୍ରୀରାଧାକୃଷ୍ଣଙ୍କର ବିପ୍ରଲମ୍ଭ ଭାବର ଦୁଃଖ– ବିଧୌତ ଅନ୍ତର୍ବେଦନା । ଦ୍ୱାଦଶ ଶତାବ୍ଦୀରେ କବି ଜୟଦେବଙ୍କର ରଚିତ ଗୀତଗୋବିନ୍ଦ ସଂସ୍କୃତ ଭାଷାରେ ରଚିତ ହୋଇଥିଲେ ମଧ୍ୟ ସେଥିରେ ଯେଉଁ ସରଳ, ସହଜ ବୋଧଗମ୍ୟ ଶବ୍ଦ ସମ୍ଭାର ରହିଛି, ତାହା ସତେ ଯେପରି ଓଡ଼ିଆମାନଙ୍କ ପାଇଁ ଓଡ଼ିଆ, ବଙ୍ଗାଳୀମାନଙ୍କ ପାଇଁ ବଙ୍ଗଳା ଓ ଆସାମବାସୀ, ମୈଥିଳୀଭାଷୀଙ୍କ ପକ୍ଷେ ସ୍ୱ ମାତୃଭାଷାର ଭାବବ୍ୟଞ୍ଜନା ଉପଲବ୍ଧ କରାଉଛି । କାନ୍ତ, କୋମଳ ପଦାବଳୀରେ ଗୀତଗୋବିନ୍ଦର ପ୍ରତ୍ୟେକଟି ପ୍ରବନ୍ଧ (ଅଧ୍ୟାୟ)ରସାଣିତ ହୋଇଛନ୍ତି । କୃଷ୍ଣୈକ ପ୍ରାଣ କବି ଗାଇଛନ୍ତି ଧୀର ସମୀରେ ଯମୁନାତୀରେ ବସତି ବନେ ବନମାଳୀ, କେଡେ ସରଳ ଭାବବ୍ୟଞ୍ଜନାରେ ଅଭିବ୍ୟଞ୍ଜିତ ହୋଇଛି ଏପରି ଅନେକ ପଦର ଲାଳିତ୍ୟ ।

କବିଙ୍କ ଭାଷାରେ ମନ୍ଦନୀଳୟାନୀଳ ପୂରିତ ଯମୁନାର ସୁଶୀତଳ ଜଳ ଅନୁପମ ସୌନ୍ଦର୍ଯ୍ୟାନୁଭୂତିରେ ରାସେଶ୍ୱରୀ ବେଷ୍ଟିତ ଗୋପାଙ୍ଗନାମାନଙ୍କୁ କରିଛି ଉଭଳା ।

ଯମୁନାର ଜଳ ଲଳିତ ଲବଙ୍ଗଲତାର ସୁବାସରେ ମହକି ଯାଇଛି । କବି ଜୟଦେବ ବିରହିଣୀ ରାଧିକାର ମନକୁ ହାଲୁକା କରିବା ପାଇଁ ସଖୀ ମୁଖରେ ଗାଇଛନ୍ତି:

''ଲଳିତ ଲବଙ୍ଗଲତା ପରିଶୀଳନ
କୋମଳ ମଳୟ ସମୀରେ
ମଧୁକର ନିକର କରମ୍ବିତ କୋକିଳ
କୁଞ୍ଜିତ କୁଞ୍ଜ କୁଟୀରେ ।
ବିରହତି ହରି ରିହ ସରସ ବସନ୍ତେ,
ନୃତ୍ୟନ୍ତି ଯୁବତି ଜନେନ ସମଂ
ସଖୀ ବିରହ ଜନସ୍ୟ ଦୂରନ୍ତେ ।''

କେଡେ ମନମୋହନ ଏହି ପ୍ରାକୃତିକ ସୁଷମା ମଣ୍ଡିତ ବସନ୍ତର ରାସୋତ୍ସବ । ଏପରି ମଧୁର ପଦ ଲାଳିତ୍ୟଭରା ସାଂଗତିକ ରସ ମାଧୁର୍ଯ୍ୟ ପରିବେଷଣରେ ଜୟଦେବ ସିଦ୍ଧହସ୍ତ ଥିଲେ ।

ଦାକ୍ଷିଣାତ୍ୟର ଜନୈକ ଜଗନ୍ନାଥ ଭକ୍ତ ବ୍ରାହ୍ମଣ ଦେବଶର୍ମା ତୀର୍ଥାଟନରେ ଶ୍ରୀକ୍ଷେତ୍ରକୁ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସନ୍ତି । ସାଥୀରେ ଆଣିଥାନ୍ତି ନିଜର ରୂପବତୀ, ଭଗବତାଶ୍ରୟୀ କନ୍ୟା ପଦ୍ମାବତୀଙ୍କୁ । ଦର୍ଶନାନ୍ତେ ସେ ପଦ୍ମାବତୀଙ୍କୁ ଟେକି ଦିଅନ୍ତି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ । ମାତ୍ର ତାହା ଗ୍ରହଣ ନକରି ପ୍ରଭୁ ନୀଳାଚଳ ନିବାସୀ ଜଗନ୍ନାଥ ଦେବଶର୍ମାଙ୍କୁ ସ୍ୱପ୍ନାଦେଶ କଲେ । ଦେବଶର୍ମା ପଦ୍ମାବତୀକୁ ମୋତେ ନୁହେଁ, ମୋର ପ୍ରିୟ ଭକ୍ତ ଶିରୋମଣି ଜୟଦେବ ସହିତ ତାହାର ଶୁଭ ପରିଣୟ କରାଅ, ଏଥିରେ ପଦ୍ମାବତୀର ଦୁଇଟି କାର୍ଯ୍ୟ ସାଧିତ ହେବ । ତାହାରି ସାହଚର୍ଯ୍ୟରେ, ପ୍ରେରଣାରେ ଜୟଦେବ ସାରସ୍ୱତ ଅକ୍ଷୟକୀର୍ତ୍ତି ସ୍ଥାପନ କରିବ । ତାହାହିଁ ହେଲା, ଜୟଦେବଙ୍କର ରଚନାତ୍ମକ ସାରସ୍ୱତ ସୃଷ୍ଟି ପଦ୍ମାବତୀଙ୍କର ଲଳିତ ସଂଗୀତର ମୂର୍ଚ୍ଛନା ମହିମାନ୍ୱିତ କରିଦେଲା । ବିଦିଗ୍ଧ କବି ପତିଙ୍କର ପ୍ରତ୍ୟେକ କାର୍ଯ୍ୟରେ ପଦ୍ମାବତୀଙ୍କର ସହଯୋଗିତା, ସହକର୍ମିଣିତ୍ୱ ତାଙ୍କର ଯଶକୁ ଦ୍ୱିଗୁଣିତ କରିଦେଲା । ଦ୍ୱିତୀୟ ଉଦ୍ଦେଶ୍ୟ ମାହାରୀ ସେବା ମଧ୍ୟ ସଫଳ ହେଲା ।

ପଦ୍ମାବତୀ ଜଗନ୍ନାଥାଶ୍ରୟୀ ହୋଇଥିଲେ ମଧ୍ୟ ପତି ଅନୁରକ୍ତା ଥିଲେ । ପତିଙ୍କୁ ଯାହା ଅର୍ପଣ କରୁଥିଲେ, ତାହା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ ଥିଲା । ପତି ଆଉ ପରାଣପତି ଜଗନ୍ନାଥଙ୍କ ମଧ୍ୟରେ ସେ କୌଣସି ପ୍ରଭେଦ ଦେଖୁନଥିଲେ, ତାଙ୍କ ପାଇଁ ଗଢିଥିଲେ ସୁଖର ନିଦାନ । ମାତ୍ର ଜଗନ୍ନାଥ ଥିଲେ ମୁକ୍ତିର ଆଶ୍ରୟ, ନୟନର

ପଥଗାମୀ, ପତିଦେବତାଙ୍କ ପ୍ରତି ଅଚଳା ଭକ୍ତି, ଜଗନ୍ନାଥଙ୍କ ପ୍ରତି ଅତୁଟ ସମର୍ପଣ ଭାବରେ ପଦ୍ମାବତୀ ଥିଲେ ସ୍ୱୟଂ ସମ୍ପୂର୍ଣ୍ଣା । ଜଗନ୍ନାଥଙ୍କ ମଧ୍ୟରେ ପଦ୍ମାବତୀ ଶ୍ରୀକୃଷ୍ଣଙ୍କୁ ଦେଖିପାରୁଥିଲେ । ଅନୁଭବ କରୁଥିଲେ ଜଗନ୍ନାଥ-ଶ୍ରୀକୃଷ୍ଣଙ୍କର ଅଭିନ୍ନତା, ଏକରୂପତା ।

ପଦ୍ମାବତୀଙ୍କଠାରୁ ଦେବଦାସୀ ପ୍ରଥା ପ୍ରଥମରେ ଆରମ୍ଭ ହୋଇଥିଲା । ଶ୍ରୀମନ୍ଦିରରେ ମାହାରୀ ନୃତ୍ୟ ପରମ୍ପରା ସେହିଦିନଠାରୁ ପ୍ରସରି ଆସୁଛି। ଏବେ ଉତ୍ସର୍ଗୀକୃତ ଦେବଦାସୀ ମିଳୁନଥିବାରୁ ଶୃଙ୍ଗାରୀ ଭାବମୋଦକର ଗୋଟିଏ ପରମ୍ପରାର ବିଲୟ ଘଟିବାକୁ ଯାଉଛି । ପଦ୍ମାବତୀ ଶ୍ରୀରାଧାଙ୍କର ବିଶୁଦ୍ଧ ପ୍ରେମ- ଭକ୍ତିର ଆଶ୍ରିତା ଥିଲେ । ପ୍ରାଣପ୍ରିୟ ଜଗନ୍ନାଥ ଯେ ସ୍ୱୟଂ ଶ୍ରୀକୃଷ୍ଣ ଏଥିରେ ସେ ଦୃଢ ଚିତ୍ତ ଥିଲେ । ପତିଦେବତା ଜୟଦେବ ଯେଉଁ ବିପ୍ରଲମ୍ଭ ରସ ସମ୍ବର୍ଦ୍ଧିତ- ବିରହରାଗିଣୀ ନିକ୍ୱଣିତ କାବ୍ୟ-ହର୍ମ୍ୟ ତୋଳିଥିଲେ, ତାହାର ପ୍ରଚାର ପ୍ରସାରରେ ପଦ୍ମାବତୀଙ୍କର ଭୂମିକା କମ୍ ନଥିଲା । ବିରହ ବେଦନା ବିଚ୍ଛୁରିତ କାବ୍ୟକଳାକୁ ନାଟ୍ୟରୂପ ଦେବାରେ ତାଙ୍କର ନିପୁଣ ଅଭିନୟ ଶୈଳୀ ବେଶ ଜନାଦୃତି ଲାଭ କରିଥିଲା। ନୂପୁରର ଝୁମଝୁମକା ତାନମାନରେ ସେ ବିରହ ବେଦନା ଶ୍ରୀରାଧାଙ୍କର ପ୍ରତିଟି ଆଙ୍ଗିକ ବିଭାବକୁ ମର୍ମସ୍ପର୍ଶୀ ଢଙ୍ଗରେ ନୃତ୍ୟାଭିନୟ କରି ଜନମନ ହରଣ କରୁଥିଲେ । ପଦ୍ମାବତୀଙ୍କର ନୃତ୍ୟର ଅପୂର୍ବ ଆଙ୍ଗିକ ମୁଦ୍ରାର ରସୋତ୍ତୀର୍ଣ୍ଣ ନୃତ୍ୟଛଟାକୁ ଶତଗୁଣେ ବର୍ଦ୍ଧନ କରୁଥିଲା ଜୟଦେବଙ୍କ ଲଳିତ ମଧୁର କଣ୍ଠରେ ରାଧା-ମାଧବଙ୍କର ପ୍ରଣୟ, ତ୍ୟାଗ, ତପସ୍ୟା, ବିରହବେଦନା, ବିଚ୍ଛେଦ-ମିଳନର କରୁଣସିକ୍ତ ସୁରଝଙ୍କାର, ଶ୍ରୀରାଧା-ଶ୍ରୀକୃଷ୍ଣଙ୍କର ଶାଶ୍ୱତ ପ୍ରେମକାହାଣୀକୁ ଜୀବନ୍ତ ରୂପଦେଇ ଜୟଦେବ ବୈଷ୍ଣବ କାବ୍ୟ ଧାରାକୁ ମହିମାନ୍ୱିତ କରିଛନ୍ତି ରସାଣିତ କରିଛନ୍ତି ।

ଭଗବାନ ଭକ୍ତର ଅଧୀନ । ଭକ୍ତର ଭକ୍ତିରେ ସ୍ତୁତିରେ ସେ ନିଜକୁ ହଜେଇ ଦିଅନ୍ତି । ବାନ୍ଧି ହୋଇଯାନ୍ତି ଭକ୍ତିର ରଜ୍ଜୁରେ । ତନ୍ମୟ ହୋଇଯାନ୍ତି ସମର୍ପଣ ଭାବ-ଅର୍ଘ୍ୟରେ । ଭକ୍ତ କବି ଜୟଦେବ ଜଗନ୍ନାଥଙ୍କୁ ରାଧାକୃଷ୍ଣଙ୍କର ଏକୀଭୂତ ରୂପରେ ଆରାଧନା କରିଛନ୍ତି । ଜଗନ୍ନାଥ ନିଶ୍ଚିତ ରୂପେ ରାଧାକୃଷ୍ଣଙ୍କର ସମ୍ମିଳିତ ବିଗ୍ରହ । ଏହି ଏକରୂପକତାକୁ ବିଶ୍ୱାସ କରି ଜୟଦେବ ଗୀତଗୋବିନ୍ଦ ରଚନା ମାଧ୍ୟମରେ ରାସରାଜେଶ୍ୱର ଶ୍ରୀକୃଷ୍ଣ ଏବଂ ରାସେଶ୍ୱରୀ ଶ୍ରୀରାଧାଙ୍କର ବିରହ-ବେଦନାଗ୍ରସ୍ତ ଲୀଳାକୁ ବର୍ଣ୍ଣନା କରି ଶାଶ୍ୱତ ମିଳନର ଯଜ୍ଞବେଦୀରେ ଅପୂର୍ବ ରାଗରାଗିଣୀ ସମନ୍ୱିତ କାବ୍ୟମାଳାକୁ ଅର୍ପଣ କରିଛନ୍ତି ।

ଜୟଦେବଙ୍କ ମତରେ ଜଗନ୍ନାଥ ହେଉଛନ୍ତି ପ୍ରକୃତି-ପୁରୁଷର ଏକାତ୍ମିକ ରୂପ । ତାଙ୍କୁ ଲାଭ କରାଯାଇପାରିବ ସୁଧାଭକ୍ତିର ଆତ୍ମନିବେଦନରେ । ଜୟଦେବଙ୍କର କାବ୍ୟ ନାୟକ ହେଉଛନ୍ତି କୃଷ୍ଣୈକ ସତ୍ତାତ୍ମକ ଜଗନ୍ନାଥ । ନାୟିକା ହେଉଛନ୍ତି ଅପାର୍ଥିବ ପ୍ରେମପାଗଳିନୀ ଶ୍ରୀରାଧା । ଶ୍ରୀରାଧା, ଶ୍ରୀକୃଷ୍ଣ (ଜଗନ୍ନାଥ)ଙ୍କୁ ଛାଡି ବୈଷ୍ଣବ ସାହିତ୍ୟ, ଜୀବନ ଦର୍ଶନ କଳ୍ପନା କରାଯାଇ ପାରେନା । ଶ୍ରୀରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କର ଆହ୍ଲାଦିନୀ ଶକ୍ତି । ମାନସପ୍ରେମରେ ଶ୍ରୀରାଧା ତାଙ୍କର ଲୀଳା ସହଚରୀ ହୋଇଛନ୍ତି- ଭକ୍ତମାନଙ୍କୁ ରାଗାନୁଗା ଭକ୍ତି ଭାବରେ ଆମୋଦିତ କରିବା ପାଇଁ, ସୁଧାଭକ୍ତିର ରସସ୍ୱାଦନ କରାଇବା ପାଇଁ। ମହାଭାବ-ପ୍ଲାବିନୀ- ଆଦ୍ୟାଶକ୍ତି ଶ୍ରୀରାଧାଙ୍କର ପ୍ରକୃତ ତତ୍ତ୍ୱ ନଜାଣି ସହଜିଆ ପ୍ରେମ-ଉପାସକମାନେ ତାଙ୍କୁ ଅପବାଦର ନିଆଁରେ ଜାଳିପୋଡି ମାରିଛନ୍ତି । ଶକ୍ତିର ସାହାଯ୍ୟ ବିନା ଶକ୍ତିମାନଙ୍କର କ୍ରିୟାଶକ୍ତି ନିଷ୍ଫଳ । ଶକ୍ତିମତୀ ଶ୍ରୀରାଧା ଶକ୍ତିମାନଙ୍କର କ୍ରିୟାତ୍ମକ ଶକ୍ତିର ମୂଳଉତ୍ସ । ଆଦ୍ୟାଶକ୍ତିଙ୍କ ବିନା ସୃଷ୍ଟି ପାଳନ, ସଂହାର କ୍ରିୟା ଅସମ୍ଭବ । ଏହି ସୃଷ୍ଟି ତତ୍ତ୍ୱକୁ ଉପଜୀବ୍ୟ କରି ଜୟଦେବ କେଳି କୁଞ୍ଜ ନାୟିକା ଶ୍ରୀରାଧାଙ୍କର ମାନବୀକରଣ ମାଧ୍ୟମରେ ଜୀବ-ପରମର ମିଳନ କରାଇଛନ୍ତି ନାଟକୀୟ ଶୈଳୀରେ, ଉଦ୍ଦୀପନ ବିଭାବ ମଧ୍ୟରେ ସେ କୁଞ୍ଜବନର ପ୍ରାକୃତିକ ଶୋଭାକୁ ଚେତନା ଏବଂ ମନ ଉପରେ ପ୍ରଭାବଶାଳୀ କରି ପ୍ରେମାସିକ୍ତ କରିଛନ୍ତି ।

ଶ୍ରୀରାଧା ହେଉଛନ୍ତି ଜଗନ୍ନାଥଙ୍କର ଲୀଳା ସହଚରୀ, ଜଗନ୍ନାଥ ହେଉଛନ୍ତି ଶ୍ରୀରାଧାଙ୍କର ପ୍ରାଣସଂଗାତ । ରସକଲ୍ଲୋଳ ରଚୟିତା ଭକ୍ତକବି ଦୀନକୃଷ୍ଣଙ୍କ ଭାଷାରେ-

''ବନ୍ଦଇ ଦେବ ଜଗନ୍ନାଥ
ରାଧିକା ପ୍ରାଣର ସଙ୍ଗାତ
ଅଶେଷ ବ୍ରହ୍ମାଣ୍ଡ କାରେଣୀ
ଭକତ ଜନ ଗୁଣ ମଣି,
ଲକ୍ଷ୍ମୀ ଦେବୀଙ୍କ ପ୍ରାଣନାହା
ଶୋଭିତ ଶଙ୍ଖ ଚକ୍ର ବାହା''

ପରମେଶ୍ୱରୀ, ପରମ ପାବନୀ, ତାପ, ପାପ ବିନାଶିନୀ, ଜଗତ କଲ୍ୟାଣୀ, ନାରାୟଣୀଙ୍କ ବିନା ଜଗତ ଈଶ୍ୱର ସୃଷ୍ଟି କ୍ରିୟାରେ ଅସମର୍ଥ ଅଟନ୍ତି ।

ପଦ୍ମାବତୀ ଶ୍ରୀରାଧାଙ୍କର ଶ୍ରୀକୃଷ୍ଣ ପ୍ରତିରୂପ ଜଗନ୍ନାଥଙ୍କ ପ୍ରତି ଥିବା ରାଗାନୁଗା ପ୍ରେମର ପୂଜାରିଣୀ ଥିଲେ । ଦିନେ ରାୟ ରମାନନ୍ଦଙ୍କୁ ଜଣେ ଭକ୍ତ ପଚାରିଛି- ସମ୍ପତ୍ତି ମଧ୍ୟେ ଜୀବେର କୋନ ସମ୍ପତ୍ତି ଗନି ? ରାୟ ରାମାନନ୍ଦ ଉତ୍ତର ଦେଇଥିଲେ- ରାଧାକୃଷ୍ଣ

ପ୍ରେମ ସାର, ସେଇ ବଡଧନୀ, ପୁଣି ପଚାରିଛି ଭକ୍ତ-ଶ୍ରେୟୋମଧ୍ୟେ କୋନ ଶ୍ରେୟଃ ଜୀବେର ହୋୟ ସାର ? ରାୟ ରମାନନ୍ଦ ଉତ୍ତର ଦେଇଥିଲେ କୃଷ୍ଣଭକ୍ତ ସଙ୍ଗ ବିନା ଶ୍ରେୟ ନାହିଁ । ସଂସର୍ଗଦା ଦୋଷାଗୁଣ ଭବନ୍ତି ନ୍ୟାୟରେ କୃଷ୍ଣଭକ୍ତଙ୍କର ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଶ୍ରେୟ ପଥାଚାରୀ ହେବା ସହଜ ହୋଇଥାଏ ।

ପଦ୍ମାବତୀ ପତି ଜୟଦେବଙ୍କର ସଂସ୍ପର୍ଶରେ ଆସି ପ୍ରଭାବିତ ହୋଇଛନ୍ତି ଜଗନ୍ନାଥଙ୍କ ଚରଣତଳେ ନିଜକୁ ସମର୍ପି ଦେବାକୁ । ସମର୍ପଣ ଭାବରେ ସେ ଶ୍ରୀରାଧାଙ୍କ ସଦୃଶ ଜଗନ୍ନାଥଙ୍କୁ ପରଷି ଦେଇଛନ୍ତି ନୃତ୍ୟ ମାଧ୍ୟମରେ ଦିବ୍ୟାନନ୍ଦ । ନୃତ୍ୟପଟ୍ଟୟସୀ ଶ୍ରୀରାଧାଙ୍କର ଆତ୍ମନିବେଦନର ଭାବତରଙ୍ଗରେ ପଦ୍ମାବତୀ ହିଲ୍ଲୋଳିତା ହୋଇ ରାଧାଭାବରେ ଶ୍ରୀକୃଷ୍ଣଙ୍କର ଚିତ୍ତ ବିନୋଦନ ପାଇଁ ପାଦରେ ଘୁଙ୍ଗୁର ବାନ୍ଧନ୍ତି । ନିଜକୁ ସଜେଇ ଦିଅନ୍ତି ଶ୍ରୀକୃଷ୍ଣଙ୍କର ପ୍ରେମିକା ରୂପରେ । ଓଡ଼ିଶୀ ନୃତ୍ୟର ତାଳେତାଳେ ଝୁମିଯାଏ ଶ୍ରୀମନ୍ଦିରର ଆଧାତ୍ମିକ ପରିବେଶ । ସ୍ୱାମୀ ଜୟଦେବଙ୍କର ବାଦ୍ୟ ଝଙ୍କାର ସହିତ ଲଳିତ କଣ୍ଠରେ ଗୀତଗୋବିନ୍ଦ ଗାନ ପଦ୍ମାବତୀଙ୍କର ନୃତ୍ୟଭଙ୍ଗୀକୁ ଦ୍ୱିଗୁଣିତ କରି ଅନିର୍ବଚନୀୟ ଆଧାତ୍ମିକ ପରିବେଶ ସୃଷ୍ଟି କରୁଥିଲା । ଶ୍ରୀରାଧା ଥିଲେ ପଦ୍ମାବତୀଙ୍କର ଉପଜୀବ୍ୟ, ଶ୍ରୀରାଧାଙ୍କ ଭଳି ପଦ୍ମାବତୀ କ'ଣ ଚାହିଁନଥିବେ ଶ୍ରୀକୃଷ୍ଣଙ୍କର ନିତ୍ୟଲୀଳା ପ୍ରେୟସୀ ହେବାକୁ ? ଏପରି ଆସ୍ପର୍ଦ୍ଧା କରିବା କ'ଣ ଅମୂଳକ ? ଶ୍ରୀରାଧାଙ୍କଠାରୁ ସେ କେଉଁ ଗୁଣରେ କମ କି ? ଶ୍ରୀରାଧାଙ୍କର ସ୍ୱାମୀ ଥାଇ ସେ ଶ୍ରୀକୃଷ୍ଣଙ୍କର ପ୍ରେୟସୀ ହୋଇପାରିଲେ କିପରି ? ବଂଶୀର ଫାଙ୍କରେ ରାଧାନାମ ଶୁଣି ସେ ସମୟ ଅସମୟରେ ଦୌଡି ଯାଉଥିଲେ ଯମୁନାକୂଳକୁ, କଦମ୍ବ ମୂଳକୁ । ଏଥିପାଇଁ ତାଙ୍କ ସ୍ୱାମୀ ଚନ୍ଦ୍ରସେଣା କ'ଣ ତାଙ୍କୁ ଅନୁମତି ଦେଇଥିଲେ । କିନ୍ତୁ ମୋର ସ୍ୱାମୀତ ଜଗନ୍ନାଥଙ୍କର ପ୍ରୀତାର୍ଥେ ମୋର ଗୋଡରେ ଘୁଙ୍ଗୁର ବାନ୍ଧି ଦିଅନ୍ତି । ପୀତାମ୍ବରୀ ପାଟକୁ ସଜାଡି ଦିଅନ୍ତି । ନୃତ୍ୟରେ ମୋର ତନ୍ମୟତା ଆଣିବା ପାଇଁ ସେ ଓଡିଶୀ ନୃତ୍ୟର ତାନ, ମାନ ଡାକି ମନମତାଣିଆ ଢୋଲ ବଜାଇ ଦିଅନ୍ତି । ଶ୍ରୀରାଧାଙ୍କ ଭଳି ମହାଭାବରେ ବୁଡିଯିବାର ଯଦିଓ ସେ ଧୃଷ୍ଟତା କରିପାରିବେ ନାହିଁ ତଥାପି ତାଙ୍କର ପିତା ପ୍ରଥମେ ତାଙ୍କୁ ଭଗବାନ ଜଗନ୍ନାଥଙ୍କୁ ସମର୍ପଣ କରି ଦେଇଥିବାରୁ ପିତାଙ୍କର ସତ୍ୟବଚନର ସ୍ୱୀକୃତି ସ୍ୱରୂପ ସେ ଜଗନ୍ନାଥଙ୍କର ଚରଣାଶ୍ରିତ ହୋଇଯାଇଛନ୍ତି । ପତିଙ୍କର ହୃଦୟରେ ଜଗନ୍ନାଥଙ୍କୁ ଦର୍ଶନ କରି ସେ ତାଙ୍କର ହୋଇଯାଇଛି । ପତିଦେବତାଙ୍କର ପରାଣପତି ଶ୍ରୀପତି କ'ଣ ମୋର ପତି ବୋଲି ମୁଁ କହିପାରିବି ନାହିଁ ?

ପଦ୍ମାବତୀ କହନ୍ତି ମୋର ପତିଦେବତା ଶ୍ରୀଜୟଦେବ ଜଣେ ଉତ୍ସର୍ଗୀକୃତ ବୈଷ୍ଣବାଗ୍ରଗଣ୍ୟ, ସୁଧାଭକ୍ତିର ଉପାସକ ସେ । ରାଧାକୃଷ୍ଣଙ୍କର ପରମ ପୂଜାରୀ ସେ । ତାଙ୍କର ସାଂଗୀତିକ ତାଳେ ତାଳେ ନାଚିଯିବାକୁ କହି ସେ ଯେତେବେଳେ ସୁଲଳିତ କଣ୍ଠରେ ବୋଲନ୍ତି-

''ଲଳିତ ଲବଙ୍ଗ ଲତା ପରିଶୀଳନ କୋମଳମୟ ସମୀରେ
ମଧୁକର ନିକର କରମ୍ୱିତ କୋକିଳ କୂଜିତ କୁଞ୍ଜ କୁଟୀରେ
ବିରହତି ହରିରିହ ସରସ ବସନ୍ତେ
ନୃତ୍ୟତି ଯୁବତୀ ଜନେନ ସମଂସଖୀ
ବିରହୀତ ଜନସ୍ୟ ଦୂରନ୍ତେ ।''

ମୁଁ ତାହାର ଅପୂର୍ବ ରାଗିଣୀରେ ନାଚିଯାଏ । ଶ୍ରୀରାଧା ଭାବରେ ଶିହରିଯାଏ । ମୋର ନୂପୁର ଧ୍ୱନିର ନିକ୍ୱଣରେ ଆତ୍ମହରା ହୋଇଯାନ୍ତି ମୋର ପତି ଦେବତା ।

ରାଧାଭାବରେ ଉତ୍ତଳା ହୋଇ କୃଷ୍ଣୈକ ପ୍ରାଣା ପଦ୍ମାବତୀ ଦିନେ ଅପୂର୍ବ ପରିପାଟୀରେ ନିଜକୁ ସଜେଇ ଦେଲେ । ସଂଚରୀ ଭାବର ଅନୁରାଗିଣୀ ପଦ୍ମାବତୀଙ୍କର ପ୍ରାଣତନ୍ତ୍ରୀରେ ଭାବ-ମାଦକତାର ଅପୂର୍ବ ଶିହରଣ ଖେଳିଗଲା । ମହାଭାବରେ ସେ ଆଜି ଜଗନ୍ନାଥଙ୍କୁ ନୃତ୍ୟ ମାଧ୍ୟମରେ ଭେଟି ଦେବେ ନିଜର ସଂଚିତ ନୃତ୍ୟ କଳାକୁଶଳ, ଅନ୍ତରର ଭକ୍ତି-କୁସୁମ, ରାଧାଭାବ, ବିମୋହିତ ପଦ୍ମାବତୀଙ୍କର ପଦରେ ନୂପୁର, ବାହୁରେ କେୟୂର, ଶିରରେ ତୁଳସୀର ଝୁମ୍ପା, ଗଳାରେ ସୁବାସିତ କୁସୁମର ଗଜରାର ହାର, କର୍ଣ୍ଣରେ ହେନା ଫୁଲର ଝରା, କଟୀରେ ପାଟପିତାମ୍ବରୀ, ନୟନରେ ବାଙ୍କ କଟାକ୍ଷ ଅତିକ୍ରିୟ ଶିହରଣ ସୃଷ୍ଟି କରୁଛି । ପଦ୍ମାବତୀଙ୍କର ଏପରି ବିମୋହନ ବେଶ ଦେଖି ଜୟଦେବ ଆଶ୍ଚର୍ଯ୍ୟରେ ନୟନ ବିସ୍ତାରିତ କରି କହିଛନ୍ତି । ଏ କି ଅନିନ୍ଦ୍ୟ ବେଶ ତୁମର ପଦ୍ମାବତୀ ? ତୁମେ କ'ଣ ମୋର ପ୍ରାଣପତିଙ୍କୁ ତୁମର କରିନେବାକୁ ଏପରି ନବୀନବେଶ ଧାରଣ କରିଛ ?

କୃଷ୍ଣେକପ୍ରାଣା ପଦ୍ମାବତୀଙ୍କୁ ଶ୍ରୀରାଧାର ମହାଭାବ ଆଜି ପାଗଳ କରିଛି । ସେ ହୋଇଛନ୍ତି ଉନ୍ମାଦିନୀ । ମହାଭାବ-ଉତ୍ତଳା ପଦ୍ମାବତୀଙ୍କର ଦୃଷ୍ଟିପଥରେ ଗୋଚର ହୋଇଛି ରାଧାକୃଷ୍ଣଙ୍କର ଯୁଗଳବନ୍ଦୀର ମନୋହର ବେଶ । ପଦ୍ମାବତୀଙ୍କର ନିଟୋଳ ନେତ୍ରରେ କେରାକେରା ଲୋତକ ଶ୍ରାବଣୀ ଦେଖି ଜୟଦେବ ଜାଣିପାରିଛନ୍ତି ରାଧାଭାବରେ ପଦ୍ମାବତୀ ଆତ୍ମବିସ୍ମୃତି

ହୋଇଛନ୍ତି । ତାଙ୍କର ସମ୍ବିତ ଫେରାଇ ଆଣିବାକୁ ଜୟଦେବ ଢୋଲକ ବାଦ୍ୟର ତାଳେତାଳେ ଗାଇଛନ୍ତି:

ଚନ୍ଦନ ଚର୍ଚ୍ଚିତ ନୀଳ କଳେବର
ପୀତ ବସନ ବନମାଳୀ,
କେଳିଚଳନ ମଣିକୁଣ୍ଡଳ ମଣ୍ଡିତ
ଗଣ୍ଡଯୁଗ ସ୍ମିତଶାଳୀ ॥
ହରିରିହ ମୁଗ୍ଧ ବଧୂନିକରେ
ବିଳାସିନି ବିଳସତି କେଳିପରେ ।

ଭଗବାନ ଶ୍ରୀକୃଷ୍ଣଙ୍କର ଚନ୍ଦନଚର୍ଚ୍ଚିତ ନୀଳକଳେବର, ପୀତବସନର ମନଲୋଭା ଦୃଶ୍ୟର ଜୀବନ୍ତ ଛବି ଉଦ୍ଭାସିତ ହୋଇଛି ପଦ୍ମାବତୀଙ୍କର ମାନସପଟରେ । ଶ୍ରୀରାଧାଙ୍କର କୃଷ୍ଣାଲିଙ୍ଗନର ପ୍ରେମଉପଚାର ତାଙ୍କର ମନରେ ଜୀବ-ପରମର ମିଳନ ଦୃଶ୍ୟ ଅଙ୍କନ କରିଛି । ମହାଭାବ ସ୍ୱରୂପିଣୀ ଶ୍ରୀରାଧାଙ୍କର ଲୀଳା ମାଧୁର୍ଯ୍ୟ ନୃତ୍ୟଗୀତ ମାଧ୍ୟମରେ ପରିସ୍ଫୁଟ କରି ପଦ୍ମାବତୀ ନିଜକୁ ଭାଗ୍ୟବତୀ ମନେ କରିଛନ୍ତି ।

ଶ୍ରୀରାଧା ଭାବ-ଉଦ୍ଭଳା ପଦ୍ମାବତୀଙ୍କର ଚକ୍ଷୁରେ ଆନନ୍ଦାଶ୍ରୁର ପ୍ଳାବନ ରାଧା ହେଉଛନ୍ତି ବୃନ୍ଦାବନେଶ୍ୱରୀ, ବୃନ୍ଦାବନର ନିତ୍ୟଲୀଳାର କେନ୍ଦ୍ରବିନ୍ଦୁ ହେଉଛନ୍ତି ଶ୍ରୀରାଧାରାଣୀ । ପୁରୁଷୋତ୍ତମ କ୍ଷେତ୍ରକୁ ନିତ୍ୟବୃନ୍ଦାବନ ବୋଲି କୁହାଯାଏ । ପୁରୁଷୋତ୍ତମ କ୍ଷେତ୍ରରେ କ୍ଷେତ୍ରାଧିପତି ହେଉଛନ୍ତି ଶ୍ରୀଜଗନ୍ନାଥ, ଏଠାରେ ନିତ୍ୟଲୀଳା ଚାଲିଛି, ବାରମାସରେ ତେର ଯାତରା ମହୋତ୍ସବ ଲାଗି ରହିଛି । ଏପରି ପାବନ କ୍ଷେତ୍ରରେ ସଂସାର- ଜଞ୍ଜାଳରେ ସେ ଗ୍ରଥିତ । ତାଙ୍କର ସଂସାର ମୋହଗ୍ରସ୍ତ ଶରୀରରେ ଆହ୍ଲାଦିନୀଶକ୍ତି ଜାଗ୍ରତ ହେବ କିପରି ? ଆହ୍ଲାଦିନୀଶକ୍ତିର ତ ଏକମାତ୍ର ଅଧିକାରିଣୀ ଶ୍ରୀରାଧା । ସେ ଭଗବାନ ଶ୍ରୀକୃଷ୍ଣଙ୍କୁ ଯେଉଁ ବ୍ରହ୍ମାନନ୍ଦ ଦିଅନ୍ତି ତାହା ଆଉ କିଏ ଦେଇପାରିବ ? କାହିଁ କଲ୍ୟାଣମୟୀ, ଜଗଦିଶ୍ୱରୀ ଶ୍ରୀରାଧା ଆଉ ସିଏ ? ଚକାଡୋଳା କ'ଣ ତାଙ୍କ ନୃତ୍ୟରେ ପ୍ରୀତ ହୁଅନ୍ତି ? ଆତ୍ମବିସ୍ମୃତ ହୁଅନ୍ତି ? ନା, ସେ ଭାଗ୍ୟ କାହିଁ ତାଙ୍କର ? ସେ ବ୍ରହ୍ମପୁରୁଷଙ୍କୁ କେବଳ ନୃତ୍ୟ ମାଧ୍ୟମରେ କ'ଣ ବାନ୍ଧିହେବ ?

ଜୟଦେବ ଦେଖିଲେ ପଦ୍ମାବତୀ ବିଷନ୍ନ ବଦନ । କ'ଣ ହୋଇପାରେ ତାହାର କାରଣ ? ପଦ୍ମାବତୀଙ୍କର ଅବଚେତନ ମନକୁ ପ୍ରକୃତିସ୍ଥ କରିବା ପାଇଁ ଜୟଦେବ ଦଶାବତୀର ଶ୍ଳୋକରୁ ଗୋଟିଏ ଆବୃତ୍ତି କରି ତାନ ତୋଳିଲେ । ଡାକିଲେ ବୋଲ୍ ତେରେଖିଟି ଝାଁ, ତେରେଖିଟି ଝାଁ । ସ୍ଥିର ହୋଇ ପାରିଲେ ନାହିଁ ପଦ୍ମାବତୀ ସ୍ୱାମୀଙ୍କର ବାଦ୍ୟ ଝଙ୍କାରରେ । ଚାରିସରିଆ ଘୁଙ୍ଗୁରମାଳ ନିକ୍ୱଣିତ ହୋଇଉଠିଲା, ଅପୂର୍ବ ଶିହରଣରେ ନାଚି ଚାଲିଲେ ପଦ୍ମାବତୀ । ଜୟଦେବ ପୁଣି ଗାଇଲେ-

''ଶ୍ରିତ କମଳାକୁଚ ମଣ୍ଡଳ ଧୃତ କୁଣ୍ଡଳ ହେ
କଳିତ ଲଳିତ ବନମାଳ, ଜୟ ଜୟ ଦେବ ହରେ ।''

ଗୀତ ଶେଷରେ ପୁଣି ଗୋଟିଏ ବୋଲ୍- ଚାଡିତାକ ତେରେ ଖେଟେ ଝାଁ । ଚାଡିତାକ ତେରେ ଖେଟେ ଝାଁ । ଯେତେବେଳେ ତାଳ ଡାକି ସେ ବାଦ୍ୟ ନିନାଦ କଲେ ପଦ୍ମାବତୀ ନିଜକୁ ସମ୍ଭାଳି ନପାରି ସମସ୍ତ ନୃତ୍ୟ ନିପୁଣତା ଖଟାଇ ନାଚି ଉଠିଲେ ବିଭିନ୍ନ ମୁଦ୍ରାରେ । ଏଥର ତାଙ୍କର ଶରୀର ଭାଷା ଅପୂର୍ବ ମୁଦ୍ରାର ବିମୋହନ ଛଟା । ମନୋରମ ପରିପାଟୀର ଅତିନ୍ଦ୍ରିୟତା ଏମିତି ବିସ୍ମୟ କଳାତ୍ମକତା ସୃଷ୍ଟିକଲା ଯେ ନିଜେ ଜୟଦେବ ପଦ୍ମାବତୀଙ୍କର ଭାବବିନୋଦରେ ନୟନ ବିସ୍ଫାରିତ ହୋଇଗଲେ । ଭାବବିନୋଦିଆଙ୍କର ଚରଣରେ ନିଜକୁ ସମ୍ପୂର୍ଣ୍ଣ ସମର୍ପି ଦେଇ ପଦ୍ମାବତୀ ନାଚି ନାଚି ସମ୍ବିତ ହରାଇ ଲୋଟିପଡିଲେ ଜଗନ୍ନାଥଙ୍କ ଆଡକୁ ଯୋଡହସ୍ତ ପ୍ରସାରି । ଭାବବିନୋଦିଆଙ୍କର ଭାବବନ୍ଧନରେ ପଦ୍ମାବତୀଙ୍କର ମୂର୍ଚ୍ଛିତ ଅବସ୍ଥା ଦେଖି ଜୟଦେବ ଡାକିଲେ ଉଠ ପଦ୍ମାବତୀ । ତୁମର ଅହୋଭାଗ୍ୟ । ତୁମେ ରାସ ବିହାରୀଙ୍କୁ ଆପଣାର କରିପାରିଛ, ଯାହା ମୁଁ କରିପାରିନାହିଁ । ଧନ୍ୟ ତୁମେ ପଦ୍ମାବତୀ । ଧନ୍ୟ ତୁମର ସାଧନା, ତ୍ୟାଗ, ତପସ୍ୟା, ତୁମେ ପ୍ରକୃତରେ ଶ୍ରୀମନ୍ଦିରର ଶ୍ରୀରାଧା ।

ସୁ. ସରବେରଣି
ପୋ.ଅ.- ସାଆନ୍ଦା
ଜିଲ୍ଲା- ଢେଙ୍କାନାଳ, ପିନ୍- ୭୫୯୦୧୯